**ଓଡ଼ିଶା ସରକାର**

**ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ**

# ପ୍ରେସ୍ ବିବୃତ୍ତି

**ତାରିଖ.୨୨.୦୫.୨୦୨୧**

ଭାରତୀୟ ପାଣିପାଗ ସଂସ୍ଥା ସୂଚନା ଅନୁଯାୟୀ ଇତିମଧ୍ୟରେ ଉତ୍ତର ଆଣ୍ଡାମାନ ସାଗର ଓ ତତ୍ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇସାରିଛି ଏବଂ ଆସନ୍ତା କାଲି ଏହା ଅବପାତର ରୂପ ନେଇ ଆସନ୍ତା ୨୪ ତାରିଖ ସୁଦ୍ଧା ସାମୁଦ୍ରିକ ଝଡରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀଯୁକ୍ତ ପ୍ରଦୀପ ଜେନା ପ୍ରକାଶ କରିଛନ୍ତି। ପରେ ଏହା ଉତ୍ତର ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୬ ତାରିଖରେ ପଶ୍ଚିମବଙ୍ଗ ଓ ତତ୍ସଂଲଗ୍ନ ଉତ୍ତର ଓଡିଶା ଉପକୂଳରେ ସ୍ଥଳଭାଗ ସ୍ପର୍ଶ କରିବାର ଆକଳନ କରାଯାଇଛି।

ଆଜି ଅପରାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ବିଭିନ୍ନ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବିଚାରବିମର୍ଷ କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଜିରୋ କାଜୁଆଲିଟି ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ତଳୁଆ ଅଂଚଳ, କଚ୍ଚା ଘର, ବିପଦସଂକୁଳ ଗୃହରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ କହିଛନ୍ତି। ଆଶ୍ରୟସ୍ଥଳୀରେ ବେଶୀ ଲୋକ ନ ରଖି କୋଭିଡ ନିୟମାନୁସାରେ ଆଶ୍ରୟ ନେବାକୁ ସେ କହିଛନ୍ତି। ପ୍ରଭାବିତ ଜିଲ୍ଲାଗୁଡିକରେ ଥିବା କୋଭିଡ କେୟାର, ଡାକ୍ତରଖାନାରେ ଯଥେଷ୍ଟ ଖାଦ୍ୟ, ପାନୀୟ ଜଳ, ଔଷଧ, ଡାକ୍ତର, କର୍ମଚାରୀମାନେ ରହିବା ଓ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଥିସହ ଜିଲ୍ଲା କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ସେଣ୍ଟରରେ ପର୍ଯ୍ୟାପ୍ତ ଅକ୍ସିଜେନ ମହଜୁଦ ରଖିବାକୁ ବ୍ୟବସ୍ଥା କରିବାକୁ କହିଛନ୍ତି। ଶିଳ୍ପ ବିଭାଗ ପକ୍ଷରୁ ଅକ୍ସିଜେନ ପ୍ଲାଣ୍ଟରେ ଅମ୍ଳଜାନ ଉତ୍ପାଦନ, ପରିବହନ ଓ ରିଫିଲିଂ ସବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଅଛି।

ଏନ୍‌ଡିଆରଏଫର କମାଣ୍ଡାଣ୍ଟ, ଓଡ୍ରାଫର ଏଡିଜି, ଓଏଫଡିସିର ଜେନେରାଲ ମ୍ୟାନେଜର, ଚିଫ୍ ଫାୟାର ଅଫିସରଙ୍କ ସହ ଆଲୋଚନା କରାଯାଇଥିଲା। ଏନଡିଆରଏଫ୍‌ର ୨୨ ଟି ଟିମ୍, ଓଡ୍ରାଫ୍ ର ୨୦ ଟି ବାଟାଲିୟନର

୬୦ ଗୋଟି ଦଳ  ଏବଂ ଅଗ୍ନିଶମ ବାହିନୀର ୧୭୫ ଟିମ୍‌କୁ ମୁତୟନ ପାଇଁ ଯୋଜନା କରାଯାଇଛି। ବନ ବିଭାଗ ପକ୍ଷରୁ ୩୫ ଗୋଟି ଗଛ କଟାଳି ଦଳଙ୍କୁ ପ୍ରସ୍ତୁତ କରି ରଖାଯାଇଛି। ଉଦ୍ଧାର କାର୍ଯ୍ୟପାଇଁ ପାଖାପାଖି ୩୦୦୦ ତାଲିମ୍ ପ୍ରାପ୍ତ ଲୋକଙ୍କୁ ନିୟୋଜିତ କରାଯିବ। ସେମାନେ ଆସନ୍ତା କାଲି ଠାରୁ ବିଭିନ୍ନ ସ୍ଥାନରେ ମୁତୟନ ହେବେ।

ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରକାଶ କରିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ପାଇଁ ସମସ୍ତ ସଂପୃକ୍ତ ବିଭାଗ ସବିଶେଷ କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। କୃଷି ବିଭାଗ ପକ୍ଷରୁ କୃଷି ମାର୍ଗଦର୍ଶିକା ଜାରି କରାଯାଇଛି। ବର୍ଷା ଓ ପବନ ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ଚାଷୀଭାଇମାନଙ୍କୁ ଅମଳ ହୋଇଥିବା ଫସଲକୁ ସାଇତି ଓ ଘୋଡାଇ ରଖିବା ପାଇଁ କୁହାଯାଇଛି। କ୍ଷେତରେ ଥିବା ପନିପରିବାର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ସମସ୍ତ ଆସନ୍ନ ପ୍ରସବା ମହିଳାଙ୍କୁ ଆଶ୍ରୟସ୍ଥଳୀକୁ ନ ପଠାଇ ସିଧାସଳଖ ମେଡିକାଲକୁ ପଠାଇବାକୁ କୁହାଯାଇଛି।  ଶକ୍ତି ବିଭାଗ ପକ୍ଷରୁ କର୍ମଚାରୀ ଓ ସାମଗ୍ରୀ ପ୍ରସ୍ତୁତ ରଖିବା ସହ ସ୍ଥାନୀୟ କଣ୍ଟ୍ରାକ୍ଟର ସହଯୋଗରେ ଅତିରିକ୍ତ ଗ୍ୟାଙ୍ଗ, ସାମଗ୍ରୀ ଓ ଯନ୍ତ୍ରାଂଶଗୁଡିକ ମଧ୍ୟ ପ୍ରସ୍ତୁତ କରି ରଖିଛନ୍ତି। ସୂଚନା ପ୍ରଯୁକ୍ତି ବିଭାଗର  ସଚିବଙ୍କ ନେତୃତ୍ୱରେ ଟେଲିକମ୍ ବ୍ୟବସ୍ଥାରେ ଯେଭଳି ବିଶେଷ ଅସୁବିଧା ନ ଉପୁଜିବ ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବାତ୍ୟା ସମୟରେ କୌଣସି ଗୋଟିଏ ନେଟୱାର୍କ ଖରାପ ହେଲେ ଅନ୍ୟ ନେଟୱାର୍କ ମାଧ୍ୟମରେ ସେବା ଚାଲୁରିହବ। ଟେଲିଫୋନ ଅପରେଟରମାନେ ଇଣ୍ଟ୍ରା ସର୍କଲ ୟୁନିଟ୍ ଭାବେ କାର୍ଯ୍ୟ କରିବେ।

ସମସ୍ତ  ଆଶ୍ରୟସ୍ଥଳୀଗୁଡିକରେ ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ରନ୍ଧା ଖାଦ୍ୟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଅଛି। ସେହି ସବୁ ଆଶ୍ରୟସ୍ଥଳୀକୁ  ସରପଞ୍ଚ, ୱାର୍ଡମେମ୍ବର, ମିଶନ ଶକ୍ତି ଗ୍ରୁପର ସଦସ୍ୟା ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ସ୍ଥାନାନ୍ତରଣ ଓ ପରିଚାଳନାରେ ସହାୟତା କରିବେ। ବାତ୍ୟା ହେବାର ସୂଚନା ମିଳିବା କ୍ଷଣି ଜନସାଧାରଣ ଆଶ୍ରୟସ୍ଥଳକୁ ଶୀଘ୍ର ଆସିବା ପାଇଁ କୁହାଯାଇଛି। ଆଶ୍ରୟସ୍ଥଳୀରେ ମାସ୍କ ବଂଟନ ସହ ରାପିଡ୍ ରେସପନ୍ସ ଟିମ୍ ମାଧ୍ୟମରେ ସେମାନଙ୍କର ପ୍ରାରମ୍ଭିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

ଆଜି ବେସରକାରୀ ସଂସ୍ଥା ସମନ୍ୱୟ ବୈଠକରେ ବିଭିନ୍ନ ବେସରକାରୀ ଓ ଆନ୍ତର୍ଜାତୀୟ ସଂସ୍ଥା, ସିଏସ୍‌ଓମାନେ ଯୋଗଦେଇ ଜିଲ୍ଲା ପ୍ରଶାସନ ସହିତ ମିଶି ସେମାନେ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀ ପରିଚାଳନା ଏବଂ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟରେ ସହଯୋଗ କରିବାକୁ କହିଛନ୍ତି।

***